# NATIONAL NEWS BULLETIN (ODIA)

## 10 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାର ବିଜେତାମାନଙ୍କ ସହ ଭାବ ବିନିମୟ କଲେ ପ୍ରଧାନମନ୍ତ୍ରୀ
- ଭାରତର ଅଣ-ଜୀବାସ୍ମ ଇନ୍ଧନ ଆଧାରିତ ବିଦ୍ୟୁତ୍ ଉତ୍ପାଦନ ଅତିକ୍ରମ କଲା ୩୦୦ ଗିଗାୱାଟ୍
- ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି ଝାଡ଼ଖଣ୍ଡ ଲୋକସେବା ଆୟୋଗର ୩ ଜଣ ସଦସ୍ୟଙ୍କ ଇସ୍ତଫା
- ହିନ୍ଦ୍ ମହାସାଗର ମଧ୍ୟ ଦେଇ ଭାରତ ପର୍ଯ୍ୟନ୍ତ ରେଳମାର୍ଗ ବିକାଶ କରିବା ପାଇଁ ରୁଷ୍‌ର ପ୍ରସ୍ତାବ

ଏବଂ

- କୋଚିରେ ଆଜିଠାରୁ ଭାରତ ଓ ଆମେରିକା ନୌସେନା ପକ୍ଷରୁ ମିଳିତ ଅଭ୍ୟାସ

# ପିଏମ୍-ସିଡବ୍ଲୁଜି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀସ୍ଥିତ ବାସଭବନରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ବିଜେତାମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ପଦକ ବିଜେତାମାନେ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ସମୟରେ ଖେଳ ସହିତ ଜଡ଼ିତ ସେମାନଙ୍କ ଅନୁଭବ ସଂପର୍କରେ କହିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜୟ ହାସଲ କରିଥିବା ସମସ୍ତ ଖେଳାଳି ଦେଶର ସମ୍ମାନ ବୃଦ୍ଧି କରିଛନ୍ତି ଓ ସେମାନଙ୍କ ସଫଳତା ଯୁବପିଢ଼ିକୁ ପ୍ରେରଣା ଯୋଗାଇଛି ।ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ  ମୋଦୀ କହିଛନ୍ତି ଯେଉଁମାନେ ଖେଳିବେ ସେମାନେ ଆଗକୁ ବଢ଼ିବେ ।

**V/O (PM)**

ଏହି ଅବସରରେ କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ରାଷ୍ଟ୍ରମନ୍ତ୍ରୀ ରକ୍ଷାନିଖିଲ ଗଡ୍‌ସେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ସ୍କଟଲ୍ୟାଣ୍ଡର ଗ୍ଲାସ୍‌ଗୋଠାରେ ଜୁଲାଇ ୨୩ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ୩୯ଟି ପଦକ ସହ ଚତୁର୍ଥ ସ୍ଥାନ ହାସଲ କରିଛି ।

# ରିନ୍ୟୁଏବୁଲ୍ କାପାସିଟ୍

ଭାରତର ଅଣ-ଜୀବାସ୍ମ ଇନ୍ଧନ ଆଧାରିତ ବିଦ୍ୟୁତ୍ ଉତ୍ପାଦନ ୩୦୦ ଗିଗାୱାଟ୍ ଅତିକ୍ରମ କରିଛି । ଗତମାସ ୩୧ ତାରିଖରେ ହାସଲ ହୋଇଥିବା ଏହି ଐତିହାସିକ ସଫଳତା ୨୦୩୦ ସୁଦ୍ଧା ନିର୍ଦ୍ଧାରିତ ୫୦୦ ଗିଗାୱାଟ୍ କ୍ଷମତା ଲକ୍ଷ୍ୟର ୬୦ ପ୍ରତିଶତରୁ ଅଧିକ । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଦେଶରେ ଅଣଜୀବାସ୍ମ ଇନ୍ଧନ ଆଧାରିତ ବିଦ୍ୟୁତ୍ କ୍ଷମତା ମୋଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୪ ପ୍ରତିଶତରୁ ଅଧିକ ହୋଇଛି । ଏହି ସଫଳତା ସ୍ୱଚ୍ଛଶକ୍ତି ଉତ୍ପାଦନ କ୍ଷେତ୍ରରେ ଦୃଢ଼ ସହଯୋଗ କରିବା ଲାଗି ପ୍ରେରଣା ଯୋଗାଇଛି ବୋଲି ମନ୍ତ୍ରଣାଳୟ କହିଛି ।

ଦେଶରେ ସୌରଶକ୍ତି କ୍ଷମତା ଏବେ ପ୍ରାୟ ୧୬୫ ଗିଗାୱାଟ୍ ରହିଛି । ୨୦୧୪ ମସିହାରେ ସୌରଶକ୍ତି ମାତ୍ର ୨ ଦଶମିକ ୮ ଗିଗାୱାଟ ଥିବାବେଳେ ୨୦୨୫-୨୬ରେ ଅଣ-ଜୀବାସ୍ମ ଇନ୍ଧନ ଆଧାରିତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୫୫ ଦଶମିକ ୨/୯ ଗିଗାୱାଟକୁ ବୃଦ୍ଧି ପାଇଛି । ଏଥିରେ ୪୪ ଦଶମିକ ୬ ଗିଗାୱାଟ ସୌରଶକ୍ତି ଏବଂ ୬ଗିଗାୱାଟ ପବନଶକ୍ତି ରହିଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶରେ ନବୀକରଣୀୟ ଶକ୍ତି ଉତ୍ପାଦନ ୨୦୧୪-୧୫ରେ ୧୯୧ ବିଲିୟନ୍ ୟୁନିଟ୍

ଥିବା ବେଳେ ୨୦୨୫-୨୬ ସୁଦ୍ଧା ଏହା ୪୭୭ ବିଲିୟନ ୟୁନିଟ୍ ଅତିକ୍ରମ କରିଛି ।

## ଜେପିଏସ୍‌ସି-ରିଜାଇନ୍

ପରୀକ୍ଷାରେ ଅନିୟମିତତା ନେଇ ଝାଡ଼ଖଣ୍ଡରେ ଚାଲିଥିବା ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ ମଧ୍ୟରେ ଗତକାଲି ସେଠାକାର ଲୋକସେବା ଆୟୋଗର ୩ ଜଣ କାର୍ଯ୍ୟକାରୀ ସଦସ୍ୟ ଇସ୍ତଫା ପ୍ରଦାନ କରିଛନ୍ତି । ଆୟୋଗର ସଦସ୍ୟ ଅଜିତ ଭଟ୍ଟାଚାର୍ଯ୍ୟ, ଜମିଲ ଅହମ୍ମଦ ଏବଂ ଅନିମା ହାଁସଦା ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାରଙ୍କୁ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ସମ୍ମତି ପରେ ରାଜ୍ୟପାଳ ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିବା ଜଣାପଡ଼ିଛି ।

## ଝାଡ଼ଖଣ୍ଡ-ଆସେମ୍ବ୍ଲି

ଝାଡ଼ଖଣ୍ଡରେ ଛାତ୍ରଛାତ୍ରୀମାନଙ୍କ ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ସେଠାକାର ପୋଲିସ୍ ବିଧାନସଭା ପରିସର ଏବଂ ତା'ର ଆଖପାଖ ଅଞ୍ଚଳରେ ନିଷେଧାଜ୍ଞା ଲାଗୁ କରିଛନ୍ତି । ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି । ଦୁଇ ସପ୍ତାହରୁ ଅଧିକ ସମୟ ଧରି ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଆଜି ବିଧାନସଭା ମାର୍ଚ୍ଚ କରିବା ଲାଗି ଘୋଷଣା କରିଥିବା ବେଳେ ଝାଡ଼ଖଣ୍ଡ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଝାଡ଼ଖଣ୍ଡ ପୋଲିସ୍ ମହାନିର୍ଦ୍ଦେଶକ ମନୋଜ କୌଶିକ'

ବିକ୍ଷୋଭରତ ଛାତ୍ରଛାତ୍ରୀମାନଙ୍କୁ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଲାଗି ଆହ୍ୱାନ ଦେଇଛନ୍ତି । ବିଧାନସଭା ଭବନର ୭୫୦ ମିଟର ପରିସୀମା ମଧ୍ୟରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ନିଷେଧାଜ୍ଞା ଲାଗୁ କରାଯାଇଛି ।

## ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା ନେଇ ଝାଡ଼ଖଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ସରକାର ସେମାନଙ୍କ ଦାବି ସଂପର୍କରେ ମିଥ୍ୟା ଦୋଷାରୋପ କରୁଥିବା କହିଛନ୍ତି । ଝାଡ଼ଖଣ୍ଡ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ଟିମ୍ ବିକ୍ଷୋଭକାରୀଙ୍କ ୯୮ ପ୍ରତିଶତ ଦାବିକୁ ଗ୍ରହଣ କରାଯାଇଥିବା ନେଇ କହିବାର କିଛିଘଣ୍ଟା ପରେ ଏହି ଅଭିଯୋଗ ହୋଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ସରକାର ଅନିୟମିତତା ହୋଇଥିବା ୧୩ଟି ପ୍ରତିଯୋଗିତାମୂଳକ ପରୀକ୍ଷା ମଧ୍ୟରୁ କେବଳ ୩ଟିକୁ ରଦ୍ଦ କରିବା ଲାଗି ସହମତି ପ୍ରକାଶ କରିଛନ୍ତି । ରାଞ୍ଚିଠାରେ ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରି ବିକ୍ଷୋଭରତ ଛାତ୍ରଛାତ୍ରୀମାନେ ରାଜନୈତିକ ଦଳ ଏବଂ ଜନସାଧାରଣଙ୍କୁ ବିରୋଧ ପ୍ରଦର୍ଶନକୁ ସମର୍ଥନ କରିବା ଲାଗି ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ କଥିତ ଅନିୟମିତତା ନେଇ ସରକାରଙ୍କ ଦ୍ୱାରା କରାଯାଉଥିବା ସି.ଆଇ.ଡି. ତଦନ୍ତ ଏଭଳି ଘଟଣାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ।

## ରୁଷ୍-ଇଣ୍ଡିଆ ରେଲ୍‌ରୁଟ୍

ସାମୁଦ୍ରିକ ମାର୍ଗ ଉପରେ ନିର୍ଭରଶୀଳତା ହ୍ରାସ କରିବା ଲାଗି ରୁଷ୍ ପକ୍ଷରୁ ହିନ୍ଦ୍ ମହାସାଗର ମଧ୍ୟ ଦେଇ ଭାରତ ପର୍ଯ୍ୟନ୍ତ ରେଳମାର୍ଗ ବିକାଶ କରିବା ନିମନ୍ତେ ପ୍ରସ୍ତାବ ଦେଇଛି । ରୁଷ୍‌ର ଉପପ୍ରଧାନମନ୍ତ୍ରୀ ମରାଟ ଖୁସନୁଲିନ କହିଛନ୍ତି, ହର୍ମୁଜ ପ୍ରଣାଳୀ ଏବଂ ବୋସ୍ଫୋରସ୍ ଜଳମାର୍ଗ ଦେଇ ବିବାଦ ଲାଗି ରହିଥିବାରୁ ଏହି ଉପାୟ ଆପଣାଇବା ଲାଗି ରୁଷ୍ ଚିନ୍ତା କରୁଛି । ସେଠାକାର ସମ୍ବାଦସରବରାହ ସଂସ୍ଥା ଅନୁଯାୟୀ, ରୁଷ୍‌ର ଉପପ୍ରଧାନମନ୍ତ୍ରୀ ଶ୍ରୀ ଖୁସ୍‌ନୁଲିନ୍ କହିଛନ୍ତି ତୁର୍କମେନିସ୍ତାନ, ଇରାନ ଏବଂ ଆଫଗାନିସ୍ତାନ ଦେଇ ରେଳମାର୍ଗ ଦ୍ୱାରା ଭାରତ ସହ ସଂଯୋଗ ସ୍ଥାପନ କରାଯାଇ ପାରିବ । ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଯାତାୟାତ ନେଇ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ରୁଷ୍ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି ।

## ଇରାନ ଆଇଆରଜିସି ଆପଏଣ୍ଟମେଣ୍ଟ

ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇ, ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍-ଆଇଆରଜିସିର ପୂର୍ବ ମୁଖ୍ୟ ମୋହସିନ୍ ରେଜାୟୀଙ୍କୁ ସର୍ବୋଚ୍ଚ ରାଷ୍ଟ୍ରୀୟ ସୁରକ୍ଷା ପରିଷଦରେ ପ୍ରତିନିଧି ନିଯୁକ୍ତ କରିଛନ୍ତି । ମହମ୍ମଦ ବାକିର୍ ଜୋଲ୍‌ଗଦ୍ରଙ୍କ ସ୍ଥାନରେ ଶ୍ରୀ ରାଜାଇ ସର୍ବୋଚ୍ଚ ଶାସକଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିବେ । ପୂର୍ବରୁ ଏହି ପଦବୀରେ ଥିବା

ଅଲ୍ଲୀ ଲାରିଜେନିଙ୍କୁ ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣ ସମୟରେ ହତ୍ୟା କରାଯାଇଥିଲା ।

## ଭାରତ-ବୋଲିଭିଆ

ବୋଲିଭିଆରେ ସ୍ୱାସ୍ଥ୍ୟସେବା କ୍ଷମତା ବୃଦ୍ଧି କରିବା ନେଇ ଭାରତ ୮ ମେଟ୍ରିକ୍ ଟନ୍ ଜୀବନରକ୍ଷକ ଔଷଧ ଓ ଉପକରଣ ପଠାଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି । ପୂର୍ବରୁ ମଧ୍ୟ ଭାରତ' ବୋଲିଭିଆକୁ ବିଭିନ୍ନ କ୍ଷେତ୍ରରେ ବିକାଶକାର୍ଯ୍ୟ ନିମନ୍ତେ ସହଯୋଗ ଯୋଗାଇଥିବା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଇଣ୍ଡିଆ-ୟୁଏସ୍ ନେଭି ଏକ୍ସରସାଇଜ୍

କୋଚି ସ୍ଥିତ ଦକ୍ଷିଣ ନୌସେନା କମାଣ୍ଡ୍‌ଠାରେ ଆଜିଠାରୁ ଭାରତ ଏବଂ ଆମେରିକା ନୌସେନା ମିଳିତ ଭାବେ ଅଭ୍ୟାସ କାର୍ଯ୍ୟ ଆରମ୍ଭ କରିବେ । ଏହି ଅଭ୍ୟାସ କାର୍ଯ୍ୟ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ଦ୍ୱିପାକ୍ଷିକ ଅଭ୍ୟାସ ଅଭିଯାନର ଉଦ୍ଦେଶ୍ୟ ହେଉଛି, ଉଭୟ ଦେଶର ନୌସୈନିକମାନଙ୍କୁ ଏକ୍ସପ୍ଲୋସିଭ୍ ଅର୍ଡିନାନ୍ସ ଡିସ୍ପୋଜାଲ୍-ଇଓଡି ଏବଂ ବୁଡ଼ାଳିମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା । ଏହି ୫ ଦିନିଆ ଅଭ୍ୟାସ ସମୟରେ ବିଭିନ୍ନ ବିଷୟରେ

ଜ୍ଞାନ ଆଦାନ ପ୍ରଦାନ, ପ୍ରଶିକ୍ଷଣ, ଉପକରଣ ପ୍ରଦର୍ଶନ ଭଳି କାର୍ଯ୍ୟକ୍ରମ ରହିଛି । ଭାରତୀୟ ନୌସେନା ଏବଂ ଆମେରିକାର ନୌସେନା ୨୦୦୫ ମସିହା ପରେ ମିଳିତ ଭାବେ ବିଭିନ୍ନ ଅଭ୍ୟାସ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି । ଆଜିଠାରୁ ଆରମ୍ଭ ହେଉଥିବା ଅଭ୍ୟାସ ଅଭିଯାନ ଉଭୟ ଦେଶ ମଧ୍ୟରେ ଅଷ୍ଟମ ସଂସ୍କରଣ ବୋଲି ସୂଚନା ମିଳିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନ ଅନ୍ଧବିଶ୍ୱାସରୁ ଦୂରେଇ ଜୀବନଦାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ରାଷ୍ଟ୍ରୀୟ ଅଙ୍ଗ ପ୍ରତ୍ୟାରୋପଣ ସଂଗଠନର ନିର୍ଦ୍ଦେଶକ ଡାକ୍ତର ଅନୀଲ କୁମାର ଓ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ନୂଆଦିଲ୍ଲୀ ଏମ୍ସର ଡାକ୍ତର ରାଜେଶ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍ସାଇଟ୍ news

on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଗଭ୍-ଇଡି ଏକ୍ସଟେନ୍‌ସନ୍

କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡିର ନିର୍ଦ୍ଦେଶକ ରାହୁଲ ନବୀନଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି କରିଛନ୍ତି । ଚଳିତମାସ ୧୩ ତାରିଖରୁ ଆସନ୍ତାବର୍ଷ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଏହି ବର୍ଦ୍ଧିତ କାର୍ଯ୍ୟକାଳ ବଳବତ୍ତର ରହିବ । ଆସନ୍ତାବର୍ଷ ଜୁଲାଇ ୩୧ ତାରିଖରେ ଶ୍ରୀ ନବୀନ ଅବସର ଗ୍ରହଣ କରିବା ପରେ ମଧ୍ଯ ସେ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ୧୯୯୩ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଶ୍ରୀ ନବୀନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ୍ ନିଯୁକ୍ତି କମିଟି ମଂଜୁରୀ ପ୍ରଦାନ କରିଛନ୍ତି ।

## ଏଫ୍‌ଆଇବି ୟୁ-୧୮

ଏଫ୍‌ଆଇବିଏ ୧୮ ବର୍ଷରୁ କମ୍ ଏସିଆ ବାସ୍କେଟ୍ ବଲ୍ ପ୍ରତିଯୋଗିତା ଚଳିତମାସ ୧୩ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାରତ' କୋରିଆ, ଜାପାନ ଏବଂ କାଜାଖସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ । ଅଗଷ୍ଟ ୧୪ରେ ଜାପାନ୍ ସହ ଭାରତ ତା'ର ଅଭିଯାନ ଆରମ୍ଭ କରିବ । ଅଗଷ୍ଟ ୨୩ ତାରିଖରେ ଅହମ୍ମଦାବାଦରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଓ୍ୱାର୍ଲଡ ଆଥ୍‌ଲେଟିକ୍ସ ୟୁ-୨୦

ଆମେରିକାରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ବସନ୍ତ କୁମାର ମେଘଓ୍ୱାଲ ଏବଂ ସହନଓ୍ୱାଜ ଖାଁ ଉଚ୍ଚଡିଆଁ ଏବଂ ଲମ୍ବଡିଆଁରେ ପଦକ ହାସଲ କରିଛନ୍ତି । ବସନ୍ତ କୁମାର ମେଘଓ୍ୱାଲ ପୁରୁଷ ଉଚ୍ଚଡିଆଁରେ ୨ଦଶମିକ ୨/୧ ମିଟର ଡେଇଁ ରୌପ୍ୟ ପଦକ ହାସଲ କରିଛନ୍ତି । ସହନଓ୍ୱାଜ ଖାଁ ପୁରୁଷ ଲମ୍ବଡିଆଁରେ ୭ ଦଶମିକ ୮/୪ ମିଟର ଡେଇଁ ରୌପ୍ୟ ପଦକ ହାସଲ କରିଛନ୍ତି । ଆଲ୍‌ଜେରିଆର ୟୁନୁସ୍ ଆୟାଚି ଉଚ୍ଚଡିଆଁରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜଣାପଡ଼ିଛି ।